ଧରିତ୍ରୀ
DHARITRI
June 28-July 4, 2020 ₹ 2/-

# ଛୁଟିଦିନ



# ଅମୃତ ଅନୁଭବ

୩
ପ୍ରଚ୍ଛଦ ପ୍ରସଙ୍ଗ

ଅନୁଭବର କଥା କେବଳ ଅନୁଭବୀ ହିଁ ଜାଣେ। କିଛି ଅନୁଭବ ଖୁସି ଦିଏ ତ କିଛି ଦୁଃଖ। ପୁଣି କିଛି ଅନୁଭବ ନିଜ ଭିତରେ ସୀମିତ ଥିବା ବେଳେ କିଛି ଅନୁଭବ ବାଣ୍ଟିଦେବାରେ ହିଁ ଆନନ୍ଦ। ଆଉ ଯଦି ପରମାତ୍ମାଙ୍କ ସହ ସେ ଅନୁଭବର ସମ୍ପର୍କ ଥାଏ ତା'ହେଲେ ସେ ହୋଇଯାଏ ଅମୃତ ଅନୁଭବ...

ସିନେମା
୪



## ନାଁ ନ ଥିବା ରେଳ ଷ୍ଟେଶନ



**ରେ**ଳ ଚାଲିଥାଏ ବେଶ୍ ଦ୍ରୁତ ଗତିରେ। ଆଉ ଷ୍ଟେଶନ ପାଖେଇ ଆସିଲେ ମନ୍ଥର ହୋଇଯାଏ ତା'ର ଗତି। ପ୍ରତି ଷ୍ଟେଶନରେ ଥାଏ ସ୍ଥାନର ନାମ ଅନୁସାରେ ନାମଫଳକ। ଆଉ ତାକୁ ଦେଖି ନିଜ ଅଞ୍ଚଳ ଆସିଲେ ଓହ୍ଲାଇଥାନ୍ତି ଯାତ୍ରୀ। ହେଲେ ଜାଣିଛନ୍ତି କି ଏମିତି ବି ଏକ ରେଳ ଷ୍ଟେଶନ ଅଛି, ଯେଉଁଠି ନାହିଁ ନାମ ଫଳକ। ଅର୍ଥାତ୍ ଷ୍ଟେଶନଟି ନାମ ବିହୀନ ଅଟେ। ଉକ୍ତ ଷ୍ଟେଶନ ପଶ୍ଚିମବଙ୍ଗର ବର୍ଦ୍ଧମାନଠାରୁ ପ୍ରାୟ ୩୫ କି.ମି. ଦୂର, ଦୁଇଟି ଗାଁ ରୈନା ଓ ରୈନାଗଡ଼ ମଧ୍ୟରେ ରହିଛି। ପ୍ରଥମେ ଏହା ରୈନାଗଡ଼ ରେଳଷ୍ଟେଶନ ନାମରେ ପରିଚିତ ହେଉଥିଲା। କିନ୍ତୁ ପରେ ରୈନା ଗ୍ରାମର ଲୋକେ ଏହାକୁ ଗ୍ରହଣ କଲେ ନାହିଁ। ଉଭୟ ଗ୍ରାମ ମଧ୍ୟରେ ରେଳ ଷ୍ଟେଶନର ନାମ ପାଇଁ କଳହ ଆରମ୍ଭ ହୋଇଗଲା। ଷ୍ଟେଶନର ବିଲ୍ଡିଂ ରୈନା ଗ୍ରାମର ଜମିରେ ହୋଇଛି। ତେଣୁ ସେହି ଗାଁର ଲୋକେ ଷ୍ଟେଶନର ନାମ ରୈନା ହେବା ଉଚିତ ବୋଲି ଦାବି କରୁଥିଲେ। ଏହି ଝଗଡ଼ା ରେଲୱେ ବୋର୍ଡ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ସେମାନେ ବୋର୍ଡରୁ ଗାଁର ନାମ ହଟେଇ ଦେଇଥିଲେ। ତେବେ ଯାତ୍ରୀଙ୍କୁ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଆଉ ଟିକେଟ୍ ପୁରୁଣା ଷ୍ଟେଶନ ରୈନାଗଡ଼ ନାଁରେ ହିଁ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୮-ଜୁଲାଇ ୪

**ମେଷ**

ନୂତନ କର୍ମାରମ୍ଭ, ସାମାଜିକ ସମ୍ମାନ, ପଡୋଶୀଙ୍କ ସହଯୋଗ, ଶାରୀରିକ ସୁସ୍ଥତା, ବ୍ୟବସାୟରେ ଉନ୍ନତି, ପରୋକ୍ଷ ଶତ୍ରୁତା, କର୍ମକ୍ଷେତ୍ରରେ ପ୍ରତିଷ୍ଠା ବୃଦ୍ଧି, ଯାନ୍ତ୍ରିକତ୍ରୁଟି, ମନୋରଞ୍ଜନର ମଉକା।

**ବୃଷ**

ସ୍ୱାସ୍ଥ୍ୟୋନ୍ନତି, ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହକର୍ମୀଙ୍କ ସହଯୋଗ, ଧର୍ମକାର୍ଯ୍ୟରେ ବ୍ୟୟ, ଭ୍ରମଣ ସୁଯୋଗ, କରଜ କରିବେ, ନୂତନ ସମ୍ପର୍କ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପ୍ରଶାସନିକ ସଫଳତା।

**ମିଥୁନ**

ମାନସିକ ଅସ୍ଥିରତା, ଋଣ ମୁକ୍ତ ହେବେ, ଶତ୍ରୁତାରୁ କଳହ, ସ୍ୱାସ୍ଥ୍ୟରେ ଉନ୍ନତି, ମନସ୍ତାପ, କର୍ମଜଞ୍ଜାଳ ବୃଦ୍ଧି, ପଡୋଶୀଙ୍କ ପ୍ରଶଂସା, ବୁଝାମଣାରେ ସମାଧାନ, ପରିବହନରେ କ୍ଷତି।

**କର୍କଟ**

ମାନସିକ ଦ୍ୱନ୍ଦ୍ୱ, ଉଚ୍ଚବର୍ଗଙ୍କ ସାହାଯ୍ୟ, ଅବସାଦ ଦୂର ହେବ। ବ୍ୟାପାରରେ ଲାଭବାନ, ବନ୍ଧୁଙ୍କୁ ଆପଣେଇବେ, ମନୋରଞ୍ଜନରେ ରୁଚି, ପ୍ରୀତିପ୍ରଦ ଆଲୋଚନା, ସମ୍ମାନିତ ହେବେ, ଯାନବାହନରେ ସମସ୍ୟା।

**ସିଂହ**

ଉନ୍ନତ ଚିନ୍ତା, ଆଇନ ସହାୟତା, ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ବନ୍ଧୁଙ୍କ ପ୍ରତିଶ୍ରୁତି, ପେଟ ଗୋଳମାଳ, ପରାଶ୍ରୟତାର ଦୁଃଖ, ଅସ୍ୱାସ୍ଥ୍ୟକର ପରିବେଶ, ଯୋଜନାବଦ୍ଧ କାର୍ଯ୍ୟ, ସନ୍ତାନଙ୍କ କୃତିତ୍ୱ, ଋଣ ପରିଶୋଧ।

**କନ୍ୟା**

ଛୋଟ କଥାରୁ କଳହ, ଅସାବଧାନତାରୁ ଧନହାନି, ତରବରିଆ ଯାତ୍ରା, ଦୃଢ଼ପଦକ୍ଷେପ, କାର୍ଯ୍ୟସିଦ୍ଧି। ଆନୁଷ୍ଠାନିକ କାର୍ଯ୍ୟ, ପ୍ରଶାସନିକ ଅସ୍ଥିରତା, ଗବେଷଣାରେ ଅଗ୍ରଗତି।

**ତୁଳା**

ସୁସମ୍ପର୍କ ହାନି, ଭଲ ରୋଜଗାର, ରପ୍ତାନି କାରବାର ବୃଦ୍ଧି, ବନ୍ଧୁଙ୍କ ଈର୍ଷା, ମନୋବଳ ହ୍ରାସ। ଅପଦସ୍ଥ ହେବେ, ଘର ସାଜସଜ୍ଜା, ଆର୍ଥିକ ଅଭିବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ବୁଦ୍ଧିଜୀବୀଙ୍କ ପ୍ରଶଂସା, ସୌନ୍ଦର୍ଯ୍ୟ ପ୍ରିୟ ହେବେ, ବିଦେଶଯାତ୍ରା।

**ବିଛା**

ପାରିବାରିକ ଶାନ୍ତି, ଶୁଭ ଖବର ପାଇବେ, ଅର୍ଥ ସଂକଟ, ସମସ୍ୟା ବହୁଳ କର୍ମକ୍ଷେତ୍ର, ବନ୍ଧୁଙ୍କ ଅଭିଯୋଗ, ସନ୍ତାନଙ୍କ ବିଶୃଙ୍ଖଳା, ରୋଗପୀଡା ବୃଦ୍ଧି, ମତାନ୍ତରରୁ ଅଶାନ୍ତି, ପରିବହନରୁ ଲାଭ, ବ୍ୟବସାୟରୁ ଲାଭ, ଧର୍ମକାର୍ଯ୍ୟ କରିବେ।

**ଧନୁ**

ପରିସ୍ଥିତିରେ ସାମ୍ୟତା, ପଡୋଶୀଙ୍କ ସହୃଦୟତା, ଜଟିଳତା ଦୂର ହେବ, ରାଜକୀୟ ସମ୍ମାନ। ଦ୍ୱନ୍ଦ୍ୱର ଅବସାନ। ସଭା ସମିତିକୁ ନିମନ୍ତ୍ରଣ, ପ୍ରକାଶନରେ ସମସ୍ୟା, ଅଧସ୍ତନଙ୍କ ଦାବି, ରାଜନୈତିକ ହଟଚମଟ।

**ମକର**

ଲକ୍ଷ୍ୟ ଭ୍ରଷ୍ଟ ହେବେ, ଭାବପ୍ରବଣତା ବଢ଼ିବ, ଧୈର୍ଯ୍ୟଚ୍ୟୁତି ଘଟିପାରେ, ନିଜ ପରିସରରୁ ବିରୋଧ, ବସ୍ତ୍ର ପ୍ରାପ୍ତି ଯୋଗ, ବିଶିଷ୍ଟବ୍ୟକ୍ତିଙ୍କ ସହାୟତା, ଅଦାଲତରେ ବିଜୟ, କଳାସାହିତ୍ୟରୁ ପ୍ରଶଂସା।

**କୁମ୍ଭ**

ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ବନ୍ଧୁଙ୍କ ସହାନୁଭୂତି, ଅର୍ଥନୈତିକ ଅଭିବୃଦ୍ଧି, ଲକ୍ଷ୍ୟହୀନ ଯାତ୍ରା। ସହକର୍ମୀଙ୍କ ସହ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ, ଅସାବଧାନତାରୁ ଦବ୍ର୍ୟ ନଷ୍ଟ, ସନ୍ଦେହରୁ ଅବିଶ୍ୱାସ, ଭଲକରି ବି ନିନ୍ଦା, ଆଇନ ସହାୟତା।

**ମୀନ**

ନୂତନ ଯୋଜନାରମ୍ଭ, ସାମୟିକ ପ୍ରତିବନ୍ଧକ, ମାନସିକ ଦୁଶ୍ଚିନ୍ତା, ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି, ବୁଝାମଣାରେ ଅଗ୍ରଗତି, ତିକ୍ତତାର ସମାଧାନ, ଆଶା ପୂରଣ। ନିର୍ମାଣରେ ପୂର୍ଣ୍ଣତା, ଯୋଗାଭ୍ୟାସରେ ରୁଚି, ଆଧ୍ୟାତ୍ମିକତାରୁ ଶାନ୍ତି, ପାରିବାରିକ ସୌଖ୍ୟ।

# ନୀଳଅଣ୍ଡା ଦେଉଥିବା କୁକୁଡ଼ା





**ଅ**ଣ୍ଡା ତ ଧଳା ରଙ୍ଗର ହିଁ ହୋଇଥାଏ। ତେବେ କଳା ରଙ୍ଗର ଅଣ୍ଡା ବି କେହି କେହି ଦେଖିଥିବେ। କଡକନାଥ କୁକୁଡାର ଅଣ୍ଡା କଳା ହୋଇଥାଏ, ଯାହା କି ଦୁର୍ଲଭ ଓ ବହୁତ ଦାମୀ ହୋଇଥାଏ। ହେଲେ କେବେ ନୀଳ ରଙ୍ଗର ଅଣ୍ଡା ଦେଖି ନ ଥିବେ। ଭାବୁଥିବେ ଏମିତି ଅଣ୍ଡା କ'ଣ ସତରେ ଅଛି? ଯଦି ଅଛି ତାକୁ କ'ଣ କେହି ଖାଉଥିବେ? ବାସ୍ତବରେ ଏମିତି ଅଣ୍ଡା ଅଛି। ଆଉ ତାକୁ ଅରୋକାନା ନାମକ କୁକୁଡା ଦେଇଥାଏ। ଏହି କୁକୁଡା ଚିଲିରେ ଦେଖିବାକୁ ମିଳନ୍ତି। ବିଶ୍ୱାସ କରାଯାଏ ଯେ, ଏକ ପ୍ରକାରର ଭାଇରସ୍‌ର ସଂକ୍ରମଣ ପାଇଁ ଏହାର ରଙ୍ଗ ନୀଳ ହୋଇଥାଏ। ୧୯୧୪ରେ ପ୍ରଥମେ ଏହି କୁକୁଡାକୁ ସ୍ପେନର ପକ୍ଷୀ ବିଜ୍ଞାନୀ ସାଲ୍‌ଭାଡର୍ କାଷ୍ଟେଲୋ ଦେଖିବାକୁ ପାଇଥିଲେ। ଏହି କୁକୁଡା ଚିଲିର ଅରୋକାନାରେ ମିଳିଥିଲା, ତେଣୁ ଏହାର ନାମ ଅରୋକାନା ରଖାଯାଇଥିଲା। ବୈଜ୍ଞାନିକଙ୍କ ଅନୁସାରେ ଏହା ଏକ ଘରୋଇ କୁକୁଡାର ପ୍ରଜାତି। ଆଉ ରେଟ୍ରୋ ଭାଇରସ୍ ସଂକ୍ରମଣରେ ଏହାର ରଙ୍ଗ ନୀଳ ହୋଇଯାଇଥାଏ। ଉକ୍ତ ଭାଇରସ୍‌କୁ ଇଏଭି-ଏଚ୍‌ପି ମଧ୍ୟ କୁହାଯାଏ। ଏହି ଭାଇରସ୍ କୁକୁଡା ଶରୀରରେ ପ୍ରବେଶ କରି ତା'ର ଜିନ୍ ସଂରଚନାକୁ ବଦଳାଇଦିଏ। ଫଳରେ ଅଣ୍ଡାର ରଙ୍ଗ ବଦଳିଯାଏ। ତେବେ ଭାଇରସ୍ ଥିଲେ ମଧ୍ୟ ଏହାକୁ ଖାଇବା ସୁରକ୍ଷିତ। କାରଣ ଏହା କେବଳ ଅଣ୍ଡାର ବାହାର ଅଂଶକୁ ପ୍ରଭାବିତ କରିଥାଏ। ୟୁରୋପୀୟ ଦେଶ ଓ ଆମେରିକାରେ ଏହି ଅଣ୍ଡାର ଚାହିଦା ବହୁତ।

## ପାଠକୀୟ

■ ଛୁଟିଦିନ ପତ୍ରିକାର ସମସ୍ତ ପୃଷ୍ଠା ଅତ୍ୟନ୍ତ ସୁନ୍ଦର ଓ ଆକର୍ଷଣୀୟ ହୋଇପାରିଛି । ପ୍ରଚ୍ଛଦ ପ୍ରସଙ୍ଗ 'ଦୂରତାରେ ସୁରକ୍ଷା'ରୁ ଅନେକ କିଛି ଜାଣିହେବା ସହ 'ଆସ ହସିବା'ରୁ ୧୯ ପ୍ରକାର ହସ ବିଷୟରେ ଜାଣିହେଲା।

*-ସୁଶାନ୍ତ ରଣା, ତେରେସିଂହା, କଳାହାଣ୍ଡି*

■ ପ୍ରଚ୍ଛଦ ପ୍ରସଙ୍ଗ 'ଦୂରତାରେ ସୁରକ୍ଷା'ରୁ କରୋନା ସମୟରେ ସାମାଜିକ ଦୂରତ୍ୱ ରକ୍ଷା କରିବା ଲାଗି ବିଭିନ୍ନ ସ୍ଥାନରେ କିଭଳି ପଦକ୍ଷେପ ନିଆଯାଇଛି ଜାଣିହେଲା। ମାତ୍ର ଦୁଇ ବର୍ଷ ବୟସରୁ ଉଚ୍ଚତା ବଢ଼ି ନ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା। ସୃଜନର ଗପ, କବିତାଗୁଡିକ ମନଛୁଆଁ ହୋଇପାରିଥିଲା।

*-ସୁକାନ୍ତି ରଥ, କଣ୍ଟାବାଞ୍ଜି, ବଲାଙ୍ଗୀର*

■ ସିନେମା ପୃଷ୍ଠା ମୋର ବହୁତ ପ୍ରିୟ। ଏଥର ଏହି ପୃଷ୍ଠାର ସବୁ ବିଷୟ ବହୁତ ଭଲ ଲାଗିଲା। ମଡେଲ ମିରର୍‌ରେ ବିଏମ୍ ବୈଶାଳୀ ବହୁତ ସୁନ୍ଦର ଲାଗୁଥିଲେ। ହାଃ ହାଃ ପଢ଼ି ମନ ଖୁସି ହୋଇଗଲା।

*-ଦେବଦତ୍ତ ପରିଡ଼ା, ସୋନପୁର*

■ 'ଆସ ହସିବା' ପାଠରୁ ବିଭିନ୍ନ ପ୍ରକାର ହସ ଓ ତା'ର ଉପକାରିତା ସମ୍ପର୍କରେ ବି ଜାଣି ହେଲା। ବ୍ୟାକ୍‌ପେଜ୍‌ରେ ବାଓ୍ୱଲ କଟ୍ ହେୟାର ଥିବା ଚଢେଇ ବେଶ୍ ମଜାଦାର ଥିଲା। ପ୍ରଚ୍ଛଦ ପ୍ରସଙ୍ଗଟି ବହୁତ ଭଲ ଲାଗିଲା। କାର୍ଟୁନ କର୍ନର ମୋର ଭାରି ପ୍ରିୟ।

*-ସୁଷମା ଦାଶ, ଅତାବିରା, ବରଗଡ*

■ ସୃଜନ ପୃଷ୍ଠାରେ 'ମାମୁନିର ରଜ ଡ୍ରେସ୍' ଗପଟି ବହୁତ ଭଲ ଲାଗିଲା। ସିନେମା, ବ୍ୟାକ୍‌ପେଜ୍ ମୁଁ ସବୁବେଳେ ପଢେ। ଏଥର ମଡେଲ ମିରର୍‌ର ଫଟୋ ବେଶ୍ ସୁନ୍ଦର ହୋଇଥିଲା।

*-ରାଜୀବ ଲୋଚନ ମହାପାତ୍ର, ଆଠଗଡ, କଟକ*

■ ପ୍ରଚ୍ଛଦ ପ୍ରସଙ୍ଗ ସମୟୋପଯୋଗୀ ଥିଲା। ସୃଜନର ଗପ କବିତାଗୁଡିକ ହୃଦୟସ୍ପର୍ଶୀ ଥିଲା। ହାଃ ହାଃ ପଢ଼ି ହସି ହସି ଗଡ଼ିଗଲି। 'ଆସ ହସିବା' ବିଷୟଟି ଶିକ୍ଷଣୀୟ ଥିଲା। କାର୍ଟୁନ କର୍ନର ମୋର ବହୁତ ପ୍ରିୟ।

*- ସିନା ପଟ୍ଟନାୟକ, ଜଗନ୍ନାଥ ପ୍ରସାଦ, ଭଦ୍ରକ*

■ ଏଥରର ଛୁଟିଦିନ ସଂଖ୍ୟାଟି ଭଲ ହୋଇଥିଲା। ତେବେ ଛୁଟିଦିନର ଅନ୍ୟ ପୃଷ୍ଠାଗୁଡିକୁ ଆମେ ବହୁତ ମନେପକାଉଛୁ। ସହରଠୁ ଦୂର, ଲାଇଫ୍ ଷ୍ଟାଇଲ୍, ସାଥୀ ଆଦି ପୃଷ୍ଠା ମୋର ଭାରି ପ୍ରିୟ ଥିଲା। ତାହା କେବେ ଆସିବ, ସେ ଅପେକ୍ଷାରେ ଆମେ ରହିଲୁ।

*-ବଳରାମ ମହାନ୍ତି, ସୁନାଖଳା, ନୟାଗଡ*

■ ପ୍ରଚ୍ଛଦ ପ୍ରସଙ୍ଗଟି ଶିକ୍ଷଣୀୟ ହେବା ସହ ସମୟୋପଯୋଗୀ ଥିଲା। ସୃଜନ ପୃଷ୍ଠାର କବିତା ଓ ଗପ ବହୁତ ଭଲ ଲାଗିଲା। ହାଃ ହାଃ ଓ କାର୍ଟୁନ କର୍ନରକୁ ଘରର ଛୋଟ ପିଲାମାନେ ପଢିବାକୁ ବହୁତ ଭଲ ପାଉଛନ୍ତି।

*-ସୌଭାଗ୍ୟ ପରିଡା, ସାଲେପୁର, କଟକ*

## ବିଶେଷ ଚିଠି




**ଅ**ନେକ ଦିନର ଅପେକ୍ଷା ପରେ
ଆସିଛି ପ୍ରିୟ ଛୁଟିଦିନ
ଛୋଟ ଅବତାର, ତଥାପି ସୁନ୍ଦର
ଆମ ପ୍ରିୟ ଛୁଟିଦିନ।
ବିବିଧ ପ୍ରସଙ୍ଗର ଅଟେ ସମାହାର,
ମନ ଜିଣିନିଏ ତା'ର କଳେବର।

**-ସୁଶାନ୍ତ ପଣ୍ଡା,** ବାଲିପାଟଣା

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଅମୃତ ଅନୁଭବ



ଅନୁଭବର କଥା କେବଳ ଅନୁଭବୀ ହିଁ ଜାଣେ । କିଛି ଅନୁଭବ ଖୁସି ଦିଏ ତ କିଛି ଦୁଃଖ । ପୁଣି କିଛି ଅନୁଭବ ନିଜ ଭିତରେ ସୀମିତ ଥିବା ବେଳେ କିଛି ଅନୁଭବ ବାଣ୍ଟିଦେବାରେ ହିଁ ଆନନ୍ଦ । ଆଉ ଯଦି ପରମାତ୍ମାଙ୍କ ସହ ସେ ଅନୁଭବର ସମ୍ପର୍କ ଥାଏ ତା'ହେଲେ ସେ ହୋଇଯାଏ ଅମୃତ ଅନୁଭବ ।

**ପ୍ରଭୁ ମୋ ଡାକ ଶୁଣିଲେ : ସରୋଜିନୀ ଷଡ଼ଙ୍ଗୀ**

ମୁଁ ଓ ମୋର ସ୍ୱାମୀ ଡକ୍ଟର ରମାରମଣ ଷଡ଼ଙ୍ଗୀ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଯୋଗ ଦେଇଥାଉ । ମୁଁ ଗାଇନାକଲୋଜି ଓ ସେ ହାର୍ଟ ସର୍ଜରି ବିଭାଗରେ । ଏଇ ସମୟରେ ଡକ୍ଟର ଷଡ଼ଙ୍ଗୀ ଓପନ ହାର୍ଟ ସର୍ଜରିରେ ଦୁଇବର୍ଷ ଗବେଷଣା ପାଇଁ ମନୋନୀତ ହେଲେ, ଯାହା କି ଥିଲା ନିୟୁଜିଲାଣ୍ଡର ଡୁନେଣ୍ଡିନ୍ ପବ୍ଲିକ୍ ହସ୍ପିଟାଲରେ । ସେଠାରେ ଡକ୍ଟର ଷଡ଼ଙ୍ଗୀଙ୍କର ଦୁଇବର୍ଷର ଟ୍ରେନିଂ ସରିବାକୁ ଆହୁରି ଦୁଇମାସ ବାକି ଥାଏ । ମୋତେ ମଧ୍ୟ କଲପୋସ୍କୋପି ଓ ଅଲଟ୍ରାସାଉଣ୍ଡରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଟ୍ରେନିଂ ପାଇଁ ଅନୁମତି ମିଳିଗଲା । ମୋ ସାଙ୍ଗରେ ପୁଅ ଓ ଝିଅ ମଧ୍ୟ ବାହାରିଲେ । କଲିକତାରୁ ସିଙ୍ଗାପୁର ଏୟାରଲାଇନ୍ସରେ ଯାଇ ସିଙ୍ଗାପୁରର ଚାଙ୍ଗି ଏୟାରପୋର୍ଟରେ ପହଞ୍ଚିଲୁ । ସିଙ୍ଗାପୁରରୁ ଅକ୍‌ଲାଣ୍ଡ, ଅକ୍‌ଲାଣ୍ଡରୁ କ୍ରାଏଷ୍ଟ ଚର୍ଚ୍ଚ ଏବଂ ସେଠାରୁ ଡୁନେଣ୍ଡିନ୍ । ଦୀର୍ଘ କୋଡ଼ିଏ ଘଣ୍ଟାର ଯାତ୍ରା ପରେ ଡୁନେଣ୍ଡିନ୍ ହସ୍ପିଟାଲରେ ଜଏନ୍ କଲି । ସକାଳ ଆଠଟାରୁ ପାଞ୍ଚଟା ଯାଏ ଡିୟୁଟି । ୱିକ୍‌ଏଣ୍ଡରେ ବାହାରକୁ ଯିବା ପାଇଁ ସମୟ ମିଳେ । ଥରେ ଆମେ ତାସମାନିଆ ସାଗର ଭିତରକୁ ଜାହାଜରେ ଭ୍ରମଣ ପାଇଁ ବାହାରିଥିଲୁ । ଟିକେଟ ବୁକ୍ କରି ଯେତେବେଳେ ସାଗର କୂଳକୁ ଗଲୁ ଆଶ୍ଚର୍ଯ୍ୟ ହୋଇଗଲୁ । କାରଣ ଚାରିଜଣ ଛୋଟଝିଅ ଲଙ୍ଗର ପକାଯାଇଥିବା ଜାହାଜ ଦଉଡ଼ିକୁ ଖୋଲୁଥିଲେ । ଏମାନଙ୍କ ମଧ୍ୟରେ ଜଣେ କପ୍ତାନ ଓ ଅନ୍ୟ ତିନିଜଣ ନାବିକ ଥିଲେ । ଡର ଲାଗୁଥାଏ, ଏମାନଙ୍କ ତତ୍ତ୍ୱାବଧାନରେ କେମିତି ତାସମାନିଆ ସାଗର ଭ୍ରମଣ କରିବୁ । କିଛି ବାଟ ଜାହାଜ ଚାଲିବା ଆରମ୍ଭ କରିବା ମାତ୍ରେ ଲେଡ଼ି କ୍ୟାପ୍‌ଟେନ୍ ଜଣକ ଜାହାଜ ଚଳାଇବା ଆରମ୍ଭ କଲେ । ବାଁ ହାତରେ ଷ୍ଟିଅରିଂ ଓ ଡାହାଣ ହାତ ସ୍ପିକର ଧରି କମେଣ୍ଟ୍ରି ଦବା ଆରମ୍ଭ କଲେ । କେଉଁଠି ଗଭୀର ଜଳ ତରଙ୍ଗ ତ କେଉଁଠି ସିଲ୍ ମାଛର ଲମ୍ବା ଲାଇନ୍ । ଏହି ସମୟରେ ଜାହାଜ ଗଭୀର ଜଳରେ ପ୍ରବେଶ କଲା । ଆଉ ସେତିକିବେଳକୁ ସାମୁଦ୍ରିକ ଝଡ଼ ଆରମ୍ଭ ହୋଇଗଲା । ତାସମାନିଆ ସାଗର ଯେ ଏତେ ଅଶାନ୍ତ ହୋଇପାରେ ତାହା ଆମର ଧାରଣା ବାହାରେ ଥିଲା । ଝଡ଼ରେ ସାରା ଜାହାଜ ଦୋହଲି ଯାଉଥିଲା । ଆଉ ଢେଉ ଏତେ ଜୋରରେ ଉପରକୁ ଉଠୁଥିଲା ଯେ, ଲାଗୁଥିଲା ଜୁଆର ଜାହାଜ ଭିତରକୁ ପଶି ଆସିବ ଆଉ ଆମେ ସମସ୍ତେ ସାଗରରେ ନିଶ୍ଚିହ୍ନ ହୋଇଯିବୁ । କାତରରେ ହାତ ଯୋଡ଼ି ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥାଉ । ଶହଶହ ଯାତ୍ରୀଙ୍କ ମଧ୍ୟରେ ଆମେ ଚାରିଜଣ କେବଳ ଥିଲୁ ଭାରତୀୟ । ପ୍ରାୟ ଅଧଘଣ୍ଟାଏ ପରେ ସାମୁଦ୍ରିକ ଝଡ଼ ଓ ଉଚ୍ଚ ଜୁଆର ଆସ୍ତେଆସ୍ତେ କମି ଆସିଲା । ସମୁଦ୍ର ଶାନ୍ତ ହେଲା । ଜାହାଜ କୂଳ ଆଡ଼କୁ ଆସିଲା ଓ ଆମେ ସମସ୍ତ ନିରାପଦରେ କୂଳରେ ପହଞ୍ଚିଲୁ । ଆଖିରୁ କେବଳ ଲୁହ ଝରୁଥାଏ । ମନଥାଏ ପ୍ରଭୁ ପାଦ ପାଖରେ । ସତରେ ପ୍ରଭୁ ଆମ ଡାକ ଶୁଣିପାରିଲେ । ଭକ୍ତିରେ ଶ୍ରଦ୍ଧାରେ ଆଖିର ଲୁହ ମନ ମାନୁ ନ ଥାଏ ।

**ଭାବ ବୁଝିଲେ ଭାବଗ୍ରାହୀ : ଅଲେଖଚନ୍ଦ୍ର ମିଶ୍ର**

ମାତ୍ର ଦୁଇ ବର୍ଷ ତଳର କଥା । ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବଳ ଇଚ୍ଛା ହେଲା । ମୋ ଅପେକ୍ଷା ସ୍ତ୍ରୀଙ୍କର ଇଚ୍ଛା ବେଶି । ଅପେକ୍ଷାକୃତ କମ୍ ଗହଳି ଦିନ ଭାବି ହେରା ପଞ୍ଚମୀ ଦିନ ସକାଳୁ ବାହାରି ପଡ଼ିଲୁ । ପୁରୀରେ ପହଞ୍ଚି ଗାଡ଼ି ଯଥାସ୍ଥାନରେ ରଖି ଗୁଣ୍ଡିଚା ମନ୍ଦିର ଭିତରେ ପ୍ରବେଶ କଲୁ । ହେଲେ ସେ ଜନ ସମୁଦ୍ରକୁ ଦେଖି ହତୋତ୍ସାହିତ ହୋଇପଡ଼ିଲୁ । କାରଣ ସ୍ତ୍ରୀଟି ବାଙ୍ଗରା ପୁଣି ଦୁର୍ବଳ । ଯେତେ ଚେଷ୍ଟା କଲେ ବି ଠାକୁର ତ ଦୂରର କଥା ସେ ଭିଡ଼ ଭିତରକୁ ମୋଟେ ପଶି ପାରିଲେନି । ଶେଷରେ କହିଲେ ତୁମେ ଯାଇ ଦେଖି ଆସ, ମୋ କଥା ଟିକେ ଜଣେଇ ଦେବ । ତୁମେ ଦେଖିଲେ ମୋର ହେଲା । ମୁଁ ପରା ସହଧର୍ମିଣୀ । ସେୟା ହେଲା । ଭିଡ଼ ଭିତରେ କୌଣସି ମତେ ଠାକୁରଙ୍କ ଉପରେ ପଲକ ନ ପଡୁଣୁ ଦୂରକୁ ଠେଲି ହୋଇଗଲି । ସ୍ତ୍ରୀ କଥା ଜଣେଇବି କ'ଣ । ଫେରି ଆସି ଦେଖିଲାବେଳକୁ ଜଣେ ଅପରିଚିତ ମହିଳା ପୋଲିସ ସବ୍ ଇନିସ୍‌ପେକ୍ଟର (ଅନୁଗୋଳରୁ ଡିୟୁଟିରେ ଆସିଥିଲେ) ପତ୍ନୀଙ୍କ ସହିତ କଥାବାର୍ତ୍ତା ହେଉଥିଲେ । ମତେ ଦେଖି ବ୍ୟସ୍ତ ହୋଇପଡ଼ିଲେ । ମଉସା ଆମେ କେତେବେଳୁ ଅପେକ୍ଷା କରିଛୁ । କ'ଣ ଠାକୁରଙ୍କୁ ଦେଖିଲେ । ମୁଁ କହିଲି ମୋର ତ ହୋଇଗଲା । ବିଚରା ୟାଙ୍କର ଭାଗ୍ୟ ଖରାପ । କେତେ ଆଶା ନେଇ ଏତେବାଟ ଆସିଥିଲେ, ହେଲେ ସବୁ ବୃଥା ହେଲା । ମହିଳାଜଣକ ହସି ହସି କହିଲେ, କିଏ କହିଲା ବୃଥା ବୋଲି । ଚାଲନ୍ତୁ ମୁଁ ଆପଣ ଦୁଇଜଣଙ୍କୁ ନେଇ ଦେଖେଇ ଆଣିବି । ଆଜି ପରା ହେରା ପଞ୍ଚମୀ । ଗୁଣ୍ଡିଚା ମନ୍ଦିରକୁ ଲକ୍ଷ୍ମୀ ଠାକୁରାଣୀ ବିଜେ ହେବା ବିଧି । କମଳା ( ମୋ ପତ୍ନୀଙ୍କ ନାମ କମଳା ମିଶ୍ର) ବିନା ଦର୍ଶନରେ ଫେରିଯିବେ କେମିତି ?

ତା'ପରେ ସେ ଅନ୍ୟ ଦୁଇ ପୋଲିସ୍ କର୍ମଚାରୀଙ୍କର ସହଯୋଗରେ ଆମ ଦୁଇଜଣଙ୍କୁ କର୍ଡନ କରି ନେଇ ଅତି ପାଖରୁ ଦର୍ଶନ କରେଇ ନେଇ ଆସିଲେ । ଆମେ ଟିକେ ଥକା ମାରିଲା ବେଳକୁ ସେ ନ ଥିଲେ । ତାଙ୍କ ଡିୟୁଟି ତାଙ୍କୁ ଅନ୍ୟତ୍ର ନେଇ ଯାଇଥିଲା । ମୋ ଅପେକ୍ଷା ସ୍ତ୍ରୀଙ୍କର ଭକ୍ତି ବେଶି ବୋଲି ଜାଣିଥିଲି । କିନ୍ତୁ ଦେଖି ନ ଥିଲି । ପ୍ରଭୁଙ୍କର ଭାବଗ୍ରାହୀ ନାମର ତାତ୍ପର୍ଯ୍ୟ ବୁଝିଲି ଏବଂ ମୁଖରୁ ସ୍ୱତଃ ନିର୍ଗତ ହେଲା: ନୀଳାଦ୍ରୌ ତୁ ସହସ୍ରାଣୀ/ଆଡ଼ପେ ମଣ୍ଡପେ ଦିନେ (ବଡ଼ ଦେଉଳରେ ହଜାରେ ଦିନ ଦର୍ଶନ କଲେ ଯେତିକି ପୁଣ୍ୟ ଗୁଣ୍ଡିଚା ମନ୍ଦିରରେ ମାତ୍ର ଦିନଟିଏରେ ସେତିକି ପୁଣ୍ୟ) ।

**ସବୁ ପ୍ରତିକୂଳତାକୁ ଦୂରକଲେ ମହାପ୍ରଭୁ : ପୀତବାସ ରାଉତରାଏ**

ଜଗନ୍ନାଥଙ୍କୁ କେନ୍ଦ୍ରକରି ଅନୁଭୂତି ଓ ଅନୁଭବର ଲେଖାକୁ ସମ୍ପାଦନା କରି ରଥଯାତ୍ରା ଦିନ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବାର ପରମ୍ପରା ଦୀର୍ଘ ପନ୍ଦର ବର୍ଷ ଧରି ଚାଲି ଆସୁଥିଲା । ଚଳିତବର୍ଷ ମାର୍ଚ୍ଚ ୨୨ତାରିଖରୁ କରୋନା ଯୋଗୁ ରାଜ୍ୟ ସରକାରଙ୍କ ତରଫରୁ ଲକ୍‌ଡାଉନ୍ ଘୋଷଣା ହେଲା । ଶୁଭେଚ୍ଛୁମାନେ ଉପଦେଶ ଦେଲେ କାମ ଚଳାଇବା ପାଇଁ ଗୋଟିଏ ପଚାଶ ଶହେ ପୃଷ୍ଠାର ବହି ବାହାର କରି ଦିଅନ୍ତୁ । ମୋ ଭିତରେ କିନ୍ତୁ ଗୋଟିଏ ଅଲଗା ଭାବ ଜାଗ୍ରତ ହେଲା । ଶ୍ରୀଜଗନ୍ନାଥ ଆମ ପାଇଁ ସାକାର ରୂପ ନେଇଛନ୍ତି । କିନ୍ତୁ ସେ ତ ନିରାକାର । ସେହିଭଳି ସାକାର ରୂପରେ ମୋ ପାଖରେ ଲେଖା ପହଞ୍ଚି ନ ପାରିଲେ ବି ମୁଁ ଯାନ୍ତ୍ରିକ ମାଧ୍ୟମରେ ଲେଖା ସଂଗ୍ରହ କରିପାରିବି । ଜଗନ୍ନାଥ ତ ମହାବାହୁ । ତାଙ୍କ ଦୀପ ତ ମହାଦୀପ । ତାଙ୍କ ଦାଣ୍ଡ ତ ବଡ଼ଦାଣ୍ଡ । ତାଙ୍କ ପ୍ରସାଦ ତ ମହାପ୍ରସାଦ । ତା'ହେଲେ ତାଙ୍କୁ ନେଇ ପୁସ୍ତକ କାହିଁକି କ୍ଷୀଣକାୟ ହେବ । ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ତାଙ୍କ ପାଖରେ ଶରଣ ପଶି ମୁଁ ରୁଦ୍ଧ କୋଠରିରେ ବସି ରହି ଆରମ୍ଭ କଲି ଲେଖା ସଂଗ୍ରହ ଅଭିଯାନ । ସ୍ନାନପୂର୍ଣ୍ଣିମା ଦିନ ପୃଷ୍ଠା ହିସାବ କଲା ବେଳକୁ ନିଜେ ବିଶ୍ୱାସ କରିପାରିଲି ନାହିଁ । କାରଣ ନ'ଶହ ପୃଷ୍ଠାର ପୁସ୍ତକ । ଗଜପତି ମହାରାଜ ପ୍ରସ୍ତାବ ଦେଲେ ଏତେ ମୋଟା ବହି କଲେ ପାଠକଙ୍କୁ ପଢ଼ିବା ପାଇଁ ଅସୁବିଧା ହେବ । ତେଣୁ ବହିକୁ ଦୁଇଭାଗ କଲି । ଗୋଟିଏ ହେଲା 'ଅଦ୍ୱିତୀୟ ଶ୍ରୀଜଗନ୍ନାଥ' ଓ ଅନ୍ୟଟି ହେଲା 'ଅକ୍ଷୟ ଶ୍ରୀଜଗନ୍ନାଥ' । ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯେମିତି ଜଗନ୍ନାଥଙ୍କ ରଥଯାତ୍ରା ଚଳିତବର୍ଷ ଅନୁଷ୍ଠିତ ହେଉଛି । ସେହିଭଳି ସମସ୍ତ ପ୍ରକାର ପ୍ରତିବନ୍ଧକ ସତ୍ତ୍ୱେ ଦୁଇଦୁଇଟି ମହାଗ୍ରନ୍ଥ ପ୍ରକାଶ ପାଇପାରୁଛି ତାହା ତାଙ୍କର ଅଲୌକିକ ଲୀଳା ନୁହେଁ ତ ଆଉ କ'ଣ ?

**ପ୍ରାର୍ଥନା ଶୁଣିଲେ ଚକାନୟନ : ମମତା ମହାପାତ୍ର**

ମୁଁ ଯୁଗଶ୍ରୀ ଯୁଗନାରୀ ମାସିକ ମହିଳା ପତ୍ରିକାର ସମ୍ପାଦନ ଦାୟିତ୍ୱ ତୁଲାଇବା ସହ ସମାଜ ସେବାରେ ମଧ୍ୟ ଜଡ଼ିତ ଥାଏ । ଏହି କ୍ରମରେ ବାଲେଶ୍ୱରରେ ସରକାରୀ ମେଡ଼ିକାଲ କଲେଜ ଓ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଆନ୍ଦୋଳନରେ ସାମିଲ ହେଲି । ଏଥିପାଇଁ ବାରମ୍ବାର ଭୁବନେଶ୍ୱର ଆସିବାକୁ ପଡୁଥାଏ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ । ସେପ୍ଟେମ୍ବର ପାଞ୍ଚ ତାରିଖ ୨୦୧୨ ମସିହା । ଆମେ ପ୍ରାୟ ୨୫/୨୬ଜଣ ବାଲେଶ୍ୱରରୁ ଭୁବନେଶ୍ୱରକୁ →



# କରି କରାଉ ଥାଏ ମୁହିଁ...

ଭାବଗ୍ରାହୀ ପ୍ରଭୁ ନିଜ ଭକ୍ତ ପାଇଁ କେତେ ପରିମାଣରେ ଉତ୍ତରଦାୟୀ, ଏହାର ଏକ ସୀମାରେଖା ଦେବାକୁ ଯାଇ ଭକ୍ତକବି ଜଗନ୍ନାଥ ଦାସ ପରମଶାସ୍ତ୍ର 'ଶ୍ରୀମଦ୍ ଭାଗବତ'ରେ ସୁନ୍ଦର ପଦଟିଏ ଲେଖିଛନ୍ତି। ତାହା ହେଉଛି- 'କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ...'।

ପାଠକେ, ବହୁଲୋକ ଅଛନ୍ତି ଉପରୋକ୍ତ ପଦ ପାଇଁ ଭାରି ଖୁସି ହୁଅନ୍ତି। ଏପରି ଲୋକମାନେ ହେଉଛନ୍ତି 'ନିଜେ ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠା ବୋଳିବା' ଗୋଷ୍ଠୀର। ନିଜେ ଚୋରି, ନାରୀ, ହତ୍ୟା, ଠକେଇ ନାନାଦି କୁକର୍ମ କରିବେ। ପଚାରିଲେ କିନ୍ତୁ କହିବେ, ହଁ, ମୁଁ କ'ଣ କଲି ମ! ଭଗବାନ ବା ମୋ ଦ୍ୱାରା କରାଇଲେ। କରି କରାଉ ଥାଏ ମୁହିଁ... ନ୍ୟାୟରେ ସେ ଯଦି ଚାହିଁ ନଥାନ୍ତେ ତେବେ ମୁଁ କ'ଣ ଏମିତି କାମ କରିଥାନ୍ତି?- ଏମିତି ନାନା ପ୍ରକାର ଯୁକ୍ତି ବାଢ଼ି ଭଗବାନଙ୍କ ଉପରେ ଦୋଷତକ ଲଦି ଚରମ ଉଲ୍ଲାସରେ ଉଲ୍ଲସିତ ହୁଅନ୍ତି ଏମାନେ। ଏଭଳିଆ ଲୋକମାନଙ୍କୁ ଯଦି ପଚାରିବା ଆଚ୍ଛା, ତୁମ ଦ୍ୱାରା ତ ଭଗବାନ ନାରୀ ବଳାତ୍କାର କରାଇଲେ, ଏବେ ଜେଲ୍ ଯିବ କିଏ? ତୁମେ ନା ଭଗବାନ ? ପାଟି ଚୁପ୍।

ଏ ବର୍ଷ ରଥଯାତ୍ରା ନ କରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଯେତେବେଳେ ରାୟ ଶୁଣାଇଲେ ସେତେବେଳେ ଭକ୍ତ ଗୋଷ୍ଠୀ ଦୁଇ ଭାଗ ହୋଇଗଲେ। 'କରି କରାଉ ଥାଏ ମୁହିଁ' ଭାଗବତ ବାଣୀକୁ ମନେପକାଇ ଗୋଟିଏ ଗୋଷ୍ଠୀ ରାୟକୁ ସ୍ୱାଗତ କଲାବେଳେ ଅନ୍ୟ ଏକ ଗୋଷ୍ଠୀ ଏହି ବାଣୀଠାରୁ ଦୂରେଇ ଯାଇ ରଥଯାତ୍ରା ହେଉ ବୋଲି ନିଜସ୍ୱ ମତ ଦେଲେ। କାଳିଆର ଲୀଳା ବଡ଼ ବିଚିତ୍ର! ମାତ୍ର କେଇଟା ଦିନ ଅନ୍ତରରେ ଅର୍ଥାତ ରଥଯାତ୍ରାର ଠିକ୍ ଗୋଟିଏ ଦିନ ପୂର୍ବରୁ ରାୟ ଆସି ପହଞ୍ଚିଲା ଯେ, ହଁ, ରଥଯାତ୍ରା ହେଉ। ପୂର୍ବ ରାୟରେ ଅସନ୍ତୁଷ୍ଟ ଥିବା ଭକ୍ତ ଗୋଷ୍ଠୀ ଏବେ କୁହାକୁହି ହେଲେ ଦେଖିଲ ତ, ଆମ ଜଗା ସୁପ୍ରିମକୋର୍ଟ ଉପରେ। ସେ ପରା ସବୁ କରାଉଛନ୍ତି। ତାଙ୍କ ଯାତ୍ରାକୁ ବନ୍ଦ କରାଇବା ପାଇଁ ସୁପ୍ରିମକୋର୍ଟର କ୍ଷମତା ଅବା କେତେ। ସୁତରାଂ ସେ ଚୋର ହେଉ ବା ସାଧୁ, ସାଧୁ ହେଉ କି ପାପୀ, ଭିନ୍ନଭିନ୍ନ ପରିସ୍ଥିତିରେ ଭାଗବତର ଏହି ପଦଟିର ଅର୍ଥକୁ ନିଜକୁ ସୁହାଇଲା ପରି କରନ୍ତି ଅଥଚ ଏହାର ପ୍ରକୃତ ଅର୍ଥକୁ ବୁଝିବାବାଲା ଭକ୍ତଙ୍କ

ଚିନ୍ମୟ ଚିନ୍ତନ



ଶ୍ରୀ ସନ୍ୟାସୀ

ସଂଖ୍ୟା ଖୁବ୍ ନଗଣ୍ୟ। ଜଣେ ଭକ୍ତିମଦମତ୍ତ ଭକ୍ତ ଈଶ୍ୱରଙ୍କ ଉକ୍ତ କାର୍ଯ୍ୟକୁ 'ଲୀଳା'ର ଆଖ୍ୟା ଦେଇ ତଜ୍ଜନିତ ଆନନ୍ଦରେ ଉବୁଟୁବୁ ହେଉଥିବାବେଳେ ଜଣେ ଜ୍ଞାନୀ ଭକ୍ତ ପାଇଁ ଏ ସବୁ କିଛି ଫରକ ପଡ଼ି ନଥାଏ। ସେ କହେ 'ଲୀଳା' ମାନେ ହେଉଛି 'ସୁଆଙ୍ଗ'। ପରାମାତ୍ମା କେବେ ବି ଏମିତି କିଛି ସୁଆଙ୍ଗ କରନ୍ତି ନାହିଁ। 'ହଁ' ବା 'ନାହିଁ', 'ହେବ' ବା 'ନ ହେବ' ଆଦିର ବହୁ ଉପରେ ସେ ଥାଆନ୍ତି। ତାଙ୍କ ନିଷ୍ପତ୍ତି ବା କାର୍ଯ୍ୟ ବିଧି ନିର୍ଦ୍ଦିଷ୍ଟ ବା ନିଧାର୍ଯ୍ୟ।

କିନ୍ତୁ ଆମେ ଗୋଟିଏ କଥା ମନେରଖିବା ଉଚିତ୍ ଯେ, ଗୋଟିଏ ଭକ୍ତର ନିଜସ୍ୱ କିଛି ଇଚ୍ଛା ନ ଥାଏ। ସବୁ ଇଚ୍ଛା ବା କାମନାତକ ବିଲୟ ହେଲେ



ହିଁ ସେ ଜଣେ ଭକ୍ତ ପାଲଟି ଥାଏ। କିନ୍ତୁ ଯେଉଁ ଇଚ୍ଛାରେ ପ୍ରଭୁଙ୍କର ଦିବ୍ୟ ଭାବ ପ୍ରକଟିତ ହେବାର ଥାଏ, ସେଇ ଇଚ୍ଛା ପୋଷଣ କରିବା ବି କିଛି ମନ୍ଦ ନୁହେଁ। କିନ୍ତୁ ସବୁରି ଉପରେ ହରିର ଇଚ୍ଛା। ପ୍ରଭୁ କେତେବେଳେ ଭକ୍ତର ଇଚ୍ଛାକୁ ପୂରଣ କରିବେ ବା ନ କରିବେ, ଏହା ତାଙ୍କ ଦିବ୍ୟ ଯୋଜନାର ଅଂଶବିଶେଷ। ସେଥିପାଇଁ ଜଣେ ଏକନିଷ୍ଠ ଭକ୍ତ ସବୁବେଳେ ପ୍ରାର୍ଥନା କରେ- ହେ ପ୍ରଭୁ! ତୁମ ଇଚ୍ଛା ହିଁ ମଙ୍ଗଳ। ମୁଁ ଜାଣେନା ମୋର କେଉଁଥିରେ ମଙ୍ଗଳ ହେବ। ବାହା ହେଲେ ବା ନ ହେଲେ, ଚାକିରି ହେଲେ ବା ନ ହେଲେ, ପରୀକ୍ଷାରେ ପାସ୍ ବା ଫେଲ୍ ହେଲେ ଯଦି ମୋର ମଙ୍ଗଳ ସାଧିତ ହୁଏ ତେବେ ତାହା ହିଁ କର ପ୍ରଭୁ। ମୁଁ ସମ୍ପୂର୍ଣ୍ଣ ଇଚ୍ଛାଶୂନ୍ୟ।

ସବୁ ଘଟଣାର ହେତୁ ଖୋଜୁଥିବା ନାସ୍ତିକ ଲୋକଟି ସେଦିନ ଉଦାର ଆସ୍ତିକ ଲୋକଟିକୁ ଚଢ଼ା ଗଳାରେ କହୁଥିଲା-ଆରେ ଭାଇ, ତୁମମାନଙ୍କ ପରି ଅନେକ କହନ୍ତି ଈଶ୍ୱର ସବୁକିଛି କରାଉଛନ୍ତି। ତାଙ୍କ ବିନା ଇଚ୍ଛାରେ ଗଛର ପତ୍ରଟିଏ ବି ହଲେ ନାହିଁ। ରଥଯାତ୍ରା ହେବା ବା ନ ହେବା ତାଙ୍କ ଇଚ୍ଛା। ଆଚ୍ଛା କୁହତ, ଈଶ୍ୱର ଯଦି ସବୁକିଛି କରୁଛନ୍ତି, ତେବେ ସେ ଏତେ ନୃଶଂସ କାହିଁକି? କରୋନା ସମେତ ଯେତେ ରୋଗ ବ୍ୟାଧି, ହତ୍ୟା, ଯୁଦ୍ଧ, ଗଣ୍ଡଗୋଳ ଆଦି ସୃଷ୍ଟି କରି ମଣିଷ ସମାଜକୁ ନଷ୍ଟ କରୁଥିବା ଈଶ୍ୱର ଏତେ ନିର୍ଦ୍ଦୟ କେଉଁଥିପାଇଁ? 'କରି କରାଉ ଥାଏ ମୁହିଁ...'ତ ଏୟା ପ୍ରମାଣ କରୁଛି ଯେ, ଏସବୁ ପାଇଁ ଈଶ୍ୱର ହିଁ ଦାୟୀ। ଉତ୍ତରଦିଆ ଆସ୍ତିକ ଭାଇ ଜଣଙ୍କ ଅବଶ୍ୟ ସେଦିନ କିନ୍ତୁ ଚୁପ୍ ରହିଥିବାର ଦେଖାଯାଇଥିଲା।

୧୮୮୧ ମସିହାର କଥା। ଶ୍ରେଣୀରେ ଜଣେ ପ୍ରଫେସର ଛାତ୍ରମାନଙ୍କୁ ପଚାରିଲେ-ପୃଥିବୀରେ ଯାହାସବୁ ଅଛି ସେ ସବୁକୁ କ'ଣ ଈଶ୍ୱର ସୃଷ୍ଟି କରିଛନ୍ତି? ସମବେତ ଛାତ୍ର 'ହଁ' ବୋଲି ଉତ୍ତର ଦେଲେ। ତାହାଲେ ସଇତାନ, ବିଧର୍ମୀ, ପାପୀ, ହତ୍ୟାକାରୀମାନଙ୍କୁ କ'ଣ ଈଶ୍ୱର ସୃଷ୍ଟି କରିଛନ୍ତି? ପ୍ରଫେସରଙ୍କ ଏହି ପ୍ରଶ୍ନରେ ସମଗ୍ର କ୍ଲାସ ଏବେ ନିରୁତ୍ତର। ଏପରି ହେତୁବାଦୀ ପ୍ରଫେସରଙ୍କୁ ଅକଲ ଶିଖାଇବା ପାଇଁ ଜଣେ ଛାତ୍ର ଛିଡାହୋଇ ବିନୀତ ଭାବରେ ପ୍ରଶ୍ନଟିଏ ପଚାରିବା ପାଇଁ ପ୍ରଫେସରଙ୍କ ଅନୁମତି ପାଇ ପଚାରିଲେ- ସାର୍, ଥଣ୍ଡା ବୋଲି କ'ଣ କିଛି ଅଛି କି? ପ୍ରଫେସର କହିଲେ-ନିଶ୍ଚିତ। ଆମେ ତ ଥଣ୍ଡାକୁ ଅନୁଭବ କରୁ, ନା। ଛାତ୍ର କହିଲେ, କ୍ଷମା କରିବେ ସାର୍। ଆପଣଙ୍କ ଉତ୍ତର ଭୁଲ। ଥଣ୍ଡା ବୋଲି କିଛି ନାହିଁ। ଏହା ହେଉଛି 'ତାପ'ର ସମ୍ପୂର୍ଣ୍ଣ ଅନୁପସ୍ଥିତି। ଆଚ୍ଛା ସାର୍, ଏବେ କୁହନ୍ତୁ ରାତି ବା ଅନ୍ଧାର ବୋଲି କିଛି ଅଛି କି ? ପ୍ରଫେସର ମୁଣ୍ଡ ହଲାଇ 'ହଁ' ବୋଲି କହିଲେ। ଛାତ୍ର ଜଣଙ୍କ କହିଲେ ସାର୍, ଏଥର ବି ଆପଣ ଭୁଲ୍ ଉତ୍ତର ଦେଲେ। ଅନ୍ଧାର ବୋଲି କିଛି ନାହିଁ। ଏହା ହେଉଛି ଆଲୋକର ଅଭାବ। ତେଣୁ ଦୁନିଆରେ ପାପ, ଘୃଣା, ଯୁଦ୍ଧ, ରୋଗବ୍ୟାଧି, କରୋନା, ବନ୍ୟା, ବାତ୍ୟା, ମରୁଡ଼ି ଆଦିକୁ ଈଶ୍ୱର କରାଉଛନ୍ତି ବୋଲି କହିବା ଭୁଲ। ଏଗୁଡ଼ିକ ହେଉଛି ଯଥାର୍ଥରେ ପୁଣ୍ୟ, ପ୍ରେମ, ଶାନ୍ତି, ଭଲପାଇବା ଏବଂ ସତ୍ୟ, ଆଚାର ବିଚାରର ଅନୁପସ୍ଥିତି। ଯେଉଁଠି ଏ ସବୁ ଜିନିଷ ନାହିଁ ସେଠାରେ ଆପେ ଆପେ ଏହାର ବିପରୀତ ଗୁଣ ଥିବା ଜିନିଷମାନ ଆସି ପହଞ୍ଚି ଯାଆନ୍ତି। ଛାତ୍ରଙ୍କର ଏପରି ବିଦ୍ୱତ୍ପୂର୍ଣ୍ଣ ଉତ୍ତରରେ ସେଦିନ ପ୍ରଫେସର ଜଣକ ଚୁପ୍ ରହିବାକୁ ଏକ ରକମ ବାଧ ହୋଇଥିଲେ। ପାଠକେ, ସେଦିନ ଶିକ୍ଷକଙ୍କୁ ଏହି ଅଜ୍ଞାନ 'ଦୂରୀକରଣ ମନ୍ତ୍ର' ଦେଇଥିବା ଛାତ୍ରଜଣକ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ।

ମୋ ଗୁରୁଦେବ ଠାକୁର ଦେବଗୁରୁ ପରମହଂସ ମୋତେ ଥରେ କହିଥିଲେ-ସନ୍ୟାସୀ 'କରି କରାଉ ଥାଏ ମୁହିଁ...' ର ଅର୍ଥ ଭଲ ଭାବେ ବୁଝିଛୁ ଟି? ସନ୍ୟାସୀ ନିରୁତ୍ତର ରହିବାରୁ ଶ୍ରୀ ଗୁରୁଦେବ ବୁଝାଇବାକୁ ଯାଇ କହିଥିଲେ-ଈଶ୍ୱର କ'ଣ କରନ୍ତି ବା ନ କରନ୍ତି ତାହା ଅଲଗା କଥା କିନ୍ତୁ ଯେଉଁମାନଙ୍କ ଜୀବନ ଈଶ୍ୱରଙ୍କ ବିନା ଅନ୍ୟ ଗତି ନାହିଁ, ସେହି ଭକ୍ତମାନଙ୍କ ଜୀବନର ସମସ୍ତ କାର୍ଯ୍ୟକୁ ପ୍ରଭୁ ହିଁ କରନ୍ତି। କେବଳ ସେଇମାନଙ୍କ ପାଇଁ ହିଁ ଭାଗବତର ଉପରୋକ୍ତ ବହୁଳ ପ୍ରସାରିତ ପଦଟି ଲାଗୁ ହୋଇଥାଏ। ଅନ୍ୟମାନଙ୍କ ପାଇଁ ନୁହେଁ।

*-'ଦିବ୍ୟାଲୋକ ସନ୍ଧାନେ', ତେଲେଙ୍ଗାପେଣ୍ଠ, କଟକ*

## ପ୍ରଚ୍ଛଦପ୍ରସଙ୍ଗର ଅବଶିଷ୍ଟାଂଶ...

ଆସୁଥିଲୁ। ସବୁକାମ ସୁରୁଖୁରୁରେ ସରିବା ପରେ ବାଲେଶ୍ୱର ଫେରୁଥିଲୁ। ଛତିଆ ଜଗନ୍ନାଥ ମନ୍ଦିର ପାଖରେ ବସ୍ ଅଟକିଲା। ସମସ୍ତେ ବସ୍‌ରୁ ଓହ୍ଲାଇ ଜଗନ୍ନାଥ ଦର୍ଶନ କରିବା ପରେ କାକରା କିଣି ଖାଇଲୁ। ମାତ୍ର ମୁଁ ବସ୍‌ରେ ବସି ରହିଲି। ପ୍ରଭୁ ଜଗନ୍ନାଥଙ୍କୁ ମନେମନେ ପ୍ରାର୍ଥନା କଲି, ପ୍ରଭୁ, ତୁମ ଆଶୀର୍ବାଦରେ ହସ୍ପିଟାଲ ଓ କଲେଜ ପ୍ରତିଷ୍ଠା ହୋଇଯାଉ। ଖାଇସାରିବା ପରେ ସମସ୍ତେ ପୁଣି ବସ୍‌ରେ ବସିଲେ। ରାତି ୮ଟା ୩୦। ବର୍ଷା ଆରମ୍ଭ ହୋଇଗଲା। ସେତେବେଳେ ଆମେ ଜାମୁଝାଡ଼ି ଟପି ସୋର ଅଭିମୁଖେ ଯାଉଥାଉ। ଏତିକିବେଳେ ମୁଁ ଦେଖୁଥାଏ ବସ୍ ଡ୍ରାଇଭର ସାମ୍ନା କାଚକୁ ବାରମ୍ବାର ପୋଛୁଛି। ଭାବିଲି, ବସ୍‌ରେ କ'ଣ ୱାଇପର ନାହିଁ? ଜଗନ୍ନାଥଙ୍କୁ ପ୍ରାର୍ଥନା କଲି, ହେ ପ୍ରଭୁ ଚକାନୟନ, ରକ୍ଷାକର। ହଠାତ ହାଁ ହାଁ ସ୍ୱରର ଗୁଞ୍ଜରଣ ଓ ତା'ପରେ ଓଲଟି ପଡ଼ିବାର ଶବ୍ଦ। ଯେତେବେଳେ ଚେତା ଫେରିପାଇଲି ଦେଖିଲି ବସ୍ ଭିତରେ ଅନ୍ଧାର ଓ ଆର୍ତ୍ତ ଚିତ୍କାର। ମତେ ଲାଗିଲା, ମୋ ବାମ ହାତ କେଉଁଠି ଶୂନ୍ୟରେ ଝୁଲୁଛି। କିଛି ସମୟ ପରେ ଅନୁଭବ ହେଲା ହାତଟି ମୋ ପେଟ ଉପରେ ପଡ଼ିଛି। ବର୍ଷା ଜୋରରେ ହେଉଥାଏ। ମୁଁ ସମ୍ପୂର୍ଣ୍ଣ ଓଦା ସରସର ହୋଇ ଯାଇଥାଏ। ବାଁ ହାତକୁ ଧରି ରାସ୍ତା ଉପରକୁ ଉଠିବାକୁ ଚେଷ୍ଟାକଲି। କାରଣ ବସ୍‌ଟି ତିରିଶ ଫୁଟ ତଳକୁ ଛ'ଫୁଲିଆ ନାଳ ପାଖରେ ତିନିଥର ପଲଟି ଖାଇ ପଡ଼ିଥାଏ। କେହିଜଣେ ମୋ ହାତ ଧରି ରାସ୍ତା ଉପରକୁ ଉଠେଇ ନେଲେ। ସେତେବେଳେ କାହାକୁ ବି ଚିହ୍ନି ପାରୁ ନ ଥାଏ। ତେବେ କେମିତି କେଜାଣି ଏଇ ସମୟରେ ବ୍ୟାଗ୍ ଭିତରୁ ମୋବାଇଲ୍ କାଢ଼ି ଶୁଭଙ୍କରବାବୁଙ୍କୁ ଏତିକି କହିଲି, ଆମର ସୋର ପାଖରେ ବସ୍ ଦୁର୍ଘଟଣା ହୋଇଗଲା। ଏଇ ସମୟରେ ଦୂରରେ ଗୋଟେ ଆମ୍ବୁଲାନ୍ସ ଆସି ଛିଡ଼ା ହେବାର ଦେଖି ମୁଁ ସେଇଆଡ଼କୁ ଯିବାକୁ ଲାଗିଲି। ଆମ୍ବୁଲାନ୍ସ ପଛରେ ଗୋଟିଏ ଜିପ୍ ଆସି ଛିଡ଼ାହେଲା। କିଏ ଜଣେ ମୋ ଆଡ଼କୁ ନିର୍ଦ୍ଦେଶକରି କହିଲା, ମାଡ଼ାମଙ୍କୁ ବସାଅ। ସେ ବହୁତ ଗୁରୁତର ଅଛନ୍ତି। ମୁଁ ଏକମାତ୍ର ଆହତ ଥିଲି, ଯାହାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଗଲା। ଦୀର୍ଘ ଦେଢ଼ମାସ ମଧ୍ୟରେ ଦୁଇଦୁଇଟି ଅସ୍ତ୍ରୋପଚାର ପରେ ମୁଁ ଚଲାବୁଲା କରିପାରିଲି। ତାହା ମୋର ପୁନର୍ଜନ୍ମ ପରି ମନେହେଲା। ତେବେ ମତେ ଆଶ୍ଚର୍ଯ୍ୟ ଲାଗେ, ଦୁର୍ଘଟଣାରେ ତିନିଥର ଓଲଟିଥିବା ବସ୍ ଯାହାର ଚକା ଉପରକୁ ଥିଲା କିନ୍ତୁ କେହି ବି ଯାତ୍ରୀ ଜୀବନ ହରାଇ ନ ଥିଲେ। ମୁଁ ଦୁର୍ଘଟଣାବେଳେ 'ରକ୍ଷାକର ହେ ଚକାନୟନ' ବୋଲି ଯେଉଁ ପ୍ରାର୍ଥନା କରିଥିଲି ମତେ ଲାଗେ ଚକାନୟନ କେବଳ ମତେ ନୁହେଁ; ସମସ୍ତଙ୍କୁ ରକ୍ଷା କରିଥିଲେ।

**- ରୋଜାଲିନ ମହାନ୍ତି**



ଡା. ସରୋଜିନୀ ଷଡ଼ଙ୍ଗୀ



ଅଲେଖଚନ୍ଦ୍ର ମିଶ୍ର



ପୀତବାସ ରାଉତରାଏ



ମମତା ମହାପାତ୍ର



ଅଜୟ ଦେବଗନ

# ଟୁ-ଇନ୍-ୱାନ୍ ଅଜୟ

ଅଜୟ ଦେବଗନଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଫୁଲ୍ ଔର କାଣ୍ଟେ'ରୁ। ଜଣେ ଆକ୍ସନ ଷ୍ଟାର ଭାବରେ ପରିଚିତ ଅଜୟ ଆକ୍ସନ ଡାଇରେକ୍ଟର ଭାବରେ ଦାୟିତ୍ୱ ହାତକୁ ନେଇଛନ୍ତି। ଫିଲ୍ମଟି ହେଲା 'ଭୁଜ୍ : ଦ ପ୍ରାଇଡ୍ ଅଫ ଇଣ୍ଡିଆ'। ୧୯୭୧ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ପୃଷ୍ଠଭୂମିକୁ ନେଇ ଚିତ୍ରଟି ନିର୍ମିତ ହେଉଛି। ଏଥିରେ ଅଜୟ ଭାରତୀୟ ବାୟୁ ସେନାର ସ୍କ୍ୱାଡ୍ରନ ଲିଡର ବିଜୟ କାର୍ନିକ ଭୂମିକାରେ ଅଭିନୟ କରୁଛନ୍ତି। ସୂଚନାଯୋଗ୍ୟ, ଏହି ଯୁଦ୍ଧ ସମୟରେ କାର୍ନିକ ଭୁଜ୍‌ର ସ୍ଥାନୀୟ ପ୍ରାୟ ୩୦୦ ମହିଳାଙ୍କ ସହାୟତାରେ ଭାରତୀୟ ବାୟୁ ସେନାର ଏୟାର ବେସ୍ ନିର୍ମାଣ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ନିଜ ଭୂମିକା ବ୍ୟତୀତ ସେ ଏହି ଫିଲ୍ମର ଆକ୍ସନ ଡାଇରେକ୍ଟରର ଦାୟିତ୍ୱ ନେବାକୁ ଇଚ୍ଛା ପ୍ରକାଶ କରିବା ପରେ ତାହାକୁ ଅନ୍ୟତମ ପ୍ରଯୋଜକ ଭୂଷଣ କୁମାର ପୂରଣ କରିଥିଲେ। ଏ ସମ୍ପର୍କରେ ଅଜୟ କହନ୍ତି, 'ଏହା ଏକ ଗୁରୁଦାୟିତ୍ୱ। ତାହାକୁ କିପରି ତୁଲାଇବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି।'



ଆଲିୟା

# ଦିନ ଗଣୁଛନ୍ତି ଆଲିୟା

ଲକ୍‌ଡାଉନ୍ ସମୟରେ ଆଲିୟା ଘରେ ରହି ନିଜକୁ କେତେକ କାମରେ ନିୟୋଜିତ ରଖିଥିଲେ। ହେଲେ ଏବେ ତାଙ୍କର ଖୁସି କହିଲେ ନ ସରେ। ଏହି ଖୁସିର କାରଣ ପଛରେ ରହିଛି ତାଙ୍କ ଡ୍ୟାଡି ତଥା ପ୍ରଯୋଜକ ମହେଶ ଭଟ୍ଟଙ୍କ କେଇ ପଦ କଥା। ମହେଶଙ୍କ ଆଗାମୀ ଫିଲ୍ମ 'ସଡକ-୨'ରେ ଆଲିୟା ଭଟ୍ଟ ଅଭିନୟ କରୁଛନ୍ତି। ଲକ୍ ଡାଉନ୍ ପୂର୍ବରୁ ଏହାର ମାତ୍ର ଗୋଟିଏ ଗୀତ ଶୁଟିଂ ହୋଇଥିଲା। କରୋନା ମହାମାରୀ ତାହାର କାୟା ବିସ୍ତାର କରିବା ଦ୍ୱାରା ଫିଲ୍ମଟିର ଶୁଟିଂକୁ ସ୍ଥଗିତ ରଖାଯାଇଥିଲା। 'ଏବେ ଜୁଲାଇ ଦ୍ୱିତୀୟ ସପ୍ତାହରୁ ପୁଣି ଥରେ ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି । ବମ୍ବେସ୍ଥିତ ଏକ ଷ୍ଟୁଡିଓକୁ ଶୁଟିଂ ଲୋକେଶନ ଭାବରେ ଚୟନ କରାଯାଇପାରେ ବୋଲି ସୂଚନା ଦେଇଛନ୍ତି ମହେଶ।' ଏକଥା ଶୁଣିବା ପରେ ଶୁଟିଂ ପାଇଁ ଆଲିୟା ନିଜକୁ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ୧୯୯୧ରେ ସଞ୍ଜୟ ଦତ୍ତଙ୍କୁ ନେଇ ନିର୍ମିତ 'ସଡକ' ସିକ୍ୱେଲ ଏବେ ନିର୍ମିତ ହେଉଛି। ହେଲେ ଏଥର କାଷ୍ଟିଂରେ ମଧ୍ୟ ସଞ୍ଜୟ ଦତ୍ତ ଥିବା ବେଳେ ଏଥିରେ ଆଦିତ୍ୟ ରୟ କପୁର, ଆଲିୟା, ପୂଜା ଭଟ୍ଟ ମଧ୍ୟ ଅଭିନୟ କରୁଛନ୍ତି।

# ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଭୂମିକାଟିଏ ପାଇବା ପରେ ତାଙ୍କର ଖୁସି କେମିତି ବନ୍ଧ ବାଡ ମାନୁନି। ହଁ, ସେ ହେଲେ ସମିତ। ଏକ ସସ୍‌ପେନ୍ସ ଥ୍ରୀଲର ଫିଲ୍ମର ମେଲ୍ ଲିଡ୍‌ରେ ସେ ଅଭିନୟ କରୁଛନ୍ତି, ଯାହାର ଟାଇଟଲ ରହିଛି 'ଇନ୍ଦ୍ରଜାଲ'। ଆର.ଆର. ଇଭେଣ୍ଟସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପିନ୍ଟୁ ନାୟକ। ଅପରପକ୍ଷରେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ସମିତ କହନ୍ତି, 'ଇନ୍ଦ୍ରଜାଲର କାହାଣୀରେ ରହସ୍ୟ ଭରି ରହିଛି। ସବୁବେଳେ ମୁଁ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବାକୁ ପସନ୍ଦ କରିଥାଏ। ଏହି ଫିଲ୍ମରେ ଦର୍ଶକ ଡିଫରେଣ୍ଟ ଚାର୍ମ ପାଇବେ ବୋଲି ଆଶା ରଖିଛି।' 'ଇନ୍ଦ୍ରଜାଲ'ରେ ସମିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦେବଯାନୀ। ଅନ୍ୟପକ୍ଷରେ ପ୍ରଦ୍ୟୁମ୍ନ ଲେଙ୍କା, ଚୋପି ମିଶ୍ର, ସୁଜିତ ପାଇକରାୟ, ମୁନ୍‌ମୁନ୍, ବନ୍ଦନା, ରାଜଲକ୍ଷ୍ମୀ, ମାନସ, କମଲ ଏବଂ ପୃଥ୍ୱୀରାଜ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।




ଦେବଯାନୀ-ସମିତ୍

# ଏକାଥରେ ଦୁଇ କପ୍ ଚା'

ଶ୍ରଦ୍ଧା କପୁରଙ୍କ ଦିନ ଆରମ୍ଭ ହୁଏ ଦୁଇ କପ୍ ଚା'ରୁ। ସକାଳୁ ଉଠି ନିଜର ନିତ୍ୟକର୍ମ ଶେଷ କରିବା ପରେ ଲୋଡା ପଡେ ଚା'। ବାସ୍, ତା'ପରେ ଫ୍ରେସ୍ ହୋଇ ସେ ନିଜର ରୁଟିନ୍ କାମରେ ଲାଗିପଡନ୍ତି। 'ସକାଳୁ ଦୁଇ କପ୍ ଚା' ନ ପିଇଲେ ମୋତେ ଆଦୌ ଫ୍ରି ଲାଗେନା। ଷ୍ଟୁଡେଣ୍ଟ କ୍ୟାରିୟରରୁ ମୋର ଏହା ଅଭ୍ୟାସରେ ପଡିଯାଇଛି। ଏବେ ସେହି ଅଭ୍ୟାସ ଚାଲୁ ରହିଛି' ବୋଲି କହନ୍ତି ଶ୍ରଦ୍ଧା। ତାଙ୍କର ପସନ୍ଦୀୟ ଖାଦ୍ୟ କ'ଣ ଜାଣନ୍ତି ? ଶ୍ରଦ୍ଧା ଜାପାନିଜ୍ ଫୁଡ୍ ଖାଇବାକୁ ଭଲ ପାଆନ୍ତି। ଏହାବ୍ୟତୀତ ସେ କପ୍‌କେକ୍ ଏବଂ ଚକୋଲେଟ୍ ଖାଇବାକୁ ମଧ୍ୟ ପସନ୍ଦ କରିଥାଆନ୍ତି। ଅମିତାଭ ବଚ୍ଚନଙ୍କ ଅଭିନୟ ତାଙ୍କୁ ବେଶି ପ୍ରଭାବିତ କରେ। ଏହାବ୍ୟତୀତ ତାଙ୍କର ପାପା ଶକ୍ତି କପୁରଙ୍କ ଅଭିନୀତ ସିନେମାଗୁଡିକୁ ସେ ବାରମ୍ବାର ଦେଖିଥାଆନ୍ତି।



ଶ୍ରଦ୍ଧା



ନନ୍ଦିତା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମିଟୁ ଫ୍ୟାଶନ ଫଟୋଗ୍ରାଫି

# ହାଃ ହାଃ

## ଚୋରି

ସ୍ତ୍ରୀ ସ୍ୱାମୀଙ୍କୁ ଫୋନ୍ କରି- ତମେ ଏବେ ଟିକେ ଶୀଘ୍ର ଘରକୁ ଚାଲି ଆସୁଥିବ।
ସ୍ୱାମୀ- କାହିଁକି ?
ସ୍ତ୍ରୀ- ଆମର ଏଠି ଚୋରି ବଢ଼ିଗଲାଣି।
ସ୍ୱାମୀ- ଆମର କ'ଣ ଚୋରି ହୋଇଛି ?
ସ୍ତ୍ରୀ- ଆମେ ସିମ୍‌ଲା ଗଲାବେଳେ ହୋଟେଲରୁ ଯୋଉ ତଉଲିଆ ଚୋରି କରି ଆଣିଥିଲେ, ସେଇଟା।

## ଆତଙ୍କବାଦୀ

ଦୁଷ୍ଟ ହେବାରୁ ଚିଣ୍ଟୁ ମାମାଙ୍କଠାରୁ ଜୋର୍‌ରେ ମାଡ଼ ଖାଇଲା।
ଏହାପରେ ଚିଣ୍ଟୁ ବାପାଙ୍କୁ- ବାପା ତମେ କ'ଣ କେବେ ପାକିସ୍ତାନ ଯାଇଥିଲ ?
ବାପା- ନା।
ଚିଣ୍ଟୁ- ତା'ହେଲେ ମାମା ପରି ଆତଙ୍କବାଦୀକୁ କୋଉଠୁ ପାଇ ଆଣିଲ ?

## ବଞ୍ଚିଗଲା

ପପୁ ବାପାଙ୍କୁ- ବାପା ତୁମ ପାଇଁ ଗୋଟେ ଗୁଡ୍ ନ୍ୟୁଜ୍ ଅଛି।
ବାପା- କ'ଣ ?
ପପୁ-ତମେ କହିଥିଲ ମୁଁ ପରୀକ୍ଷାରେ ପାସ୍ ହେଇଗଲେ ତମେ ମତେ ୫୦୦୦ଟଙ୍କା ଦେବ। ଜାଣି ଖୁସି ହେବ ଯେ, ମୁଁ ଫେଲ୍ ହେଇଗଲି। ଆଉ ତୁମ ଟଙ୍କା ବଞ୍ଚିଗଲା।




# ଖୁସିର ବର୍ଷା

–ମନୋରମା ମହାନ୍ତି

ମୁଁ କୌଣସି କାମରେ ବ୍ୟସ୍ତ ଥିଲି। ରିଲନ ଆସି କହିଲା –ସାର୍! ଆଗାମୀ କାଲି ପାଇଁ ମୁଁ ସବୁ ପ୍ରୋଜେକ୍ଟ ତିଆରି କରି ସାରିଛି।

ମୁଁ କହିଲି –ଓକେ! ଗୁଡ୍। ଏଥର ତା'ହେଲେ ଆଗାମୀ ସପ୍ତାହର ପ୍ରୋଜେକ୍ଟ ପାଇଁ ଲାଗିଯାଅ। ସେ ଫ୍ରାନ୍ସିସ୍ କମ୍ପାନୀର ନୂଆ ଟେଣ୍ଡର ଯେମିତି ଆମ ହାତରୁ ନ ଯାଏ। ନ ହେଲେ ବସ୍ ଟେନ୍‌ସନ ହୋଇଯିବେ। ଏତିକିବେଳେ ଘରୁ ଫୋନ ଆସିଲା। ବାପାଙ୍କର ଥିଲା। କହିଲେ –ମା' ର ଦେହ ଆଦୌ ଭଲ ରହୁନି। ତୁ କେବେ ଭାରତ ଆସୁଛୁ?

ମୁଁ କହିଲି –ଏବେ ତ ତିନି ମାସ ତଳେ ଯାଇଥିଲି। ବାରମ୍ବାର ମୋ କାମ ଛାଡ଼ି ଆମେରିକାରୁ ଭାରତ ଯିବା ଅସମ୍ଭବ। ମୁଁ ରାମୁକୁ କହି ଦେଇଛି ସେ ଆପଣଙ୍କ କଥା ବୁଝାବୁଝି କରିବ। ମା'ଙ୍କୁ ଭଲ ଡକ୍ଟର ପାଖେ ଦେଖେଇବ। ରହୁଛି କହି ଫୋନ କାଟିଦେଲି।

ରିଲନ ମୋ କଥା ଶୁଣି କହିଲା –ସାର୍! ଆପଣ କାଲି ଅଫିସ ଆସିବେନି। ମୁଁ କାଲି କନ୍‌ଫରେନ୍‌ସ ହଲ୍‌ର ସବୁ ଦାୟିତ୍ୱ ବହନ କରିନେବି।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି –ତମ ମୁଣ୍ଡ ଠିକ୍ ଅଛି ତ କ'ଣ କହୁଛ? ତୁମ ଉପରେ ଏତେ ଗୁରୁତ୍ୱପୂର୍ଣ୍ଣ କନ୍‌ଫରେନ୍‌ସ ମିଟିଙ୍ଗଟା ନ୍ୟସ୍ତ କରି ମୁଁ ଘରେ ଆରାମ୍‌ସେ ରହିପାରିବି ତ?

ସେ ସାଙ୍ଗେ ସାଙ୍ଗେ ପ୍ରତ୍ୟୁତ୍ତର ଦେଲା–ସାର୍! ଆପଣ ଗୋଟିଏ ସାମାନ୍ୟ କନ୍‌ଫରେନ୍‌ସ ମିଟିଙ୍ଗଟେ ପାଇଁ ଅନ୍ୟ କାହା ଉପରେ ଭରସା କରିପାରୁ ନାହାନ୍ତି ଆଉ ନିଜ ବାପା ମା' ଙ୍କର ଦାୟିତ୍ୱକୁ ଅନ୍ୟ କାହା ଉପରେ ନ୍ୟସ୍ତ କରି କେମିତି ଏଠି ଆରାମସେ ରହି ପାରୁଛନ୍ତି? ସେ ଦୁହେଁ ତ ଆପଣଙ୍କ ଜୀବନର ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ।

ମୋ କଥା ମାନନ୍ତୁ ସାର୍, ଆପଣ ଭାରତ ଫେରି ଯାଆନ୍ତୁ। ବାପା ମା'ଙ୍କ ସହ ଜୀବନ ବିତାନ୍ତୁ। ଏମିତିରେ ଆଉ କେଇଟା ଦିନ ସେ ରହିବେ ଯେ? ଏବେ ଯଦି ନ ଯାଆନ୍ତି ସାରା ଜୀବନ ଖାଲି ଅନୁତାପ କରିବେ। ଆପଣ ଏତେ ଅର୍ଥ କାହା ପାଇଁ ଉପାର୍ଜନ କରୁଛନ୍ତି, ଯେବେ ସେମାନେ ହିଁ ଖୁସି ନାହାନ୍ତି। କମ୍ପାନୀକୁ ତ ଆପଣଙ୍କ ପରି ହଜାରେ ମିଳିଯିବେ। ହେଲେ ଆପଣଙ୍କ ବାପା ମା' ପ୍ରତିଟି ମୁହୂର୍ତ୍ତରେ କେବଳ ଆପଣଙ୍କର ବାଟ ଚାହିଁ ବସିଛନ୍ତି।

ମୁଁ ସାଙ୍ଗେ ସାଙ୍ଗେ ଫୋନ ଉଠେଇଲି। ବାପାଙ୍କ ନମ୍ବର ଡାଏଲ କରି କହିଲି –ବାପା, ତମେ ବ୍ୟସ୍ତ ହୁଅନି। ମୁଁ କାଲି ହିଁ ଫ୍ଲାଇଟ୍‌ରେ ଯାଉଛି। ତିନି ଚାରି ଦିନ ଭିତରେ ପହଞ୍ଚିଯିବି। କମ୍ପାନୀରେ ରିଜାଇନ ଲେଟର ଆଜି ଦେଇଦେବି। ଗଲେ ମୁଁ ନିଜେ ମା'ଙ୍କୁ ଭଲ ଡାକ୍ତର ପାଖକୁ ନେବି।

ବାପାଙ୍କର ସେପଟୁ ଲୁହ ଭିଜା ସ୍ୱରରେ –ଶୁଣୁଛ! ତମ ପୁଅ ସବୁ ଦିନ ପାଇଁ ଭାରତ ଆସୁଛି।

ସେ ଚିତ୍କାରରେ ଯେଉଁ ଖୁସିର ବର୍ଷା ହେଉଥିଲା ଏପଟେ ମୋ ଆଖି ଗୋଟା ସୁଦ୍ଧା ଭିଜି ସାରିଥିଲା।

*ଉଦିମୂଳ, କଟକ*
*ମୋ– ୮୯୧୭୨୭୯୦୨୩*



## ଶୂନ୍ୟତାର ଶୋଷ

–ରଂଜିତ ସେନାପତି

କ'ଣ ପାଇଁ
ଏତେ ସବୁ ହାରଜିତ୍,
ଜୀବନ ତମାମ ଏ ଲଢେଇ
ଅଟକେଇ ପାରିଲ କି
ଉଲ୍ଲଂଘ ଢେଉକୁ କେହି,
କଣିକାଏ ନିଆଁଝୁଲ
ସାରା ବନଭୂମିକୁ ସଞ୍ଚରିଗଲା ପରି
ଚରିଯାଏ ଦେହରୁ ଦେହକୁ
ଏକ ଅଦୃଶ୍ୟ ଭୂତାଣୁ,
ଧୂଆଁରେ ଆଚ୍ଛାଦିତ ସାରା ମହୀ ।
କିଛି ଭଙ୍ଗାରୁଜା ଈଶ୍ୱର ବିଶ୍ୱାସ
ଯାହା ଶେଷ ସମ୍ବଳ,
ପିଠିରେ ତ ପଡିଲେନି କେହି
ତା'ହେଲେ ଏତେ ଅହଂକାର କ'ଣ ପାଇଁ !
ଏତେ ସବୁ ଥାଇବି
ମେଣ୍ଟି ପାରିଲା କି ଶୂନ୍ୟତାର ଶୋଷ,
ଗୋଟେ ସମୁଦ୍ର ପୁଣି ହାତ ବଢାଏ
ଟୋପେ ପାଣି ପାଇଁ ।

*–ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, କେନ୍ଦ୍ରାପଡା*

## ନାରୀ

–ଉମାଶଙ୍କର ପାଳ

ସେ ବାଣ୍ଟିଚାଲିଥାଏ ନିଜକୁ ପଳପଳ
ଟାଣ କଥା କହିଲେ ଆଖି ଛଳଛଳ
ଛୁଇଁଦେଲେ ଲାଜକୁଳୀ, ହସିଦେଲେ
ଗଙ୍ଗଶିଉଳି
ସୌନ୍ଦର୍ଯ୍ୟରେ ଗୁରୁଗୁରୁ,
ସୁବାସରେ ଭୁରୁଭୁରୁ
ଫୁଟିଥିବା ଫୁଲଟିଏ ସିଏ
ପବନରେ ଖିଲି ଖିଲି ହସେ
କାକରରେ ମୁହଁ କେବେ ପୋଛେ
ସୁବାସ ତା' ବିତରଣ କରି
ଅବଶେଷେ ଭୂଇଁରେ ସେ ଲୋଟେ।

*–ଅଧ୍ୟାପକ, ଓୟୁଏଟି,*
*ଭୁବନେଶ୍ୱର*



ବ୍ୟାକ୍ ପେଜ୍








# ଡ୍ରୋନ୍‌ରୁ ତିଆରି କଲେ ହେଲିକପ୍ଟର

ଲମ୍ବା ଟ୍ରାଫିକ୍‌ରେ ଯିଏ ଥରେ ଫଶିଛି, ସେ ହିଁ ଜାଣିଛି ତା'ର କଷ୍ଟ। ଧୀରେ ଧୀରେ ଆଗକୁ ବଢୁଥିବା ଗାଡି ପାଇଁ ରାସ୍ତାରେ ହିଁ ଅନେକ ସମୟ ନଷ୍ଟ ହୋଇଯାଏ। ଏହି ସମସ୍ୟାରୁ ମୁକୁଳିବା ଲାଗି ଜଣେ ବ୍ୟକ୍ତି ଘରେ ହିଁ ଏକ ମିନି ହେଲିକପ୍ଟର ନିର୍ମାଣ କରିଛନ୍ତି, ଯଦ୍ଦ୍ୱାରା ତାଙ୍କୁ ଟ୍ରାଫିକ ସମସ୍ୟାରୁ ମୁକ୍ତି ମିଳିଯିବ। ଆଉ ଆରାମରେ ଆକାଶ ମାର୍ଗରେ ଉଡିକି ଶୀଘ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ଚାଇନାର ଏଣ୍ଟରପ୍ରେନ୍ୟୁର୍ ଡେଲି ଝାଓ ହେଉଛନ୍ତି ଉକ୍ତ ହେଲିକପ୍ଟରର ନିର୍ମାତା। ଏହାକୁ ସେ ଡ୍ରୋନ୍ ସାହାଯ୍ୟରେ ତିଆରି କରିଛନ୍ତି। ଆଉ ଏହାର ନାମ ଦେଇଛନ୍ତି 'ଅକ୍ଟୋକପ୍ଟର'। ୫.୫୭ ଫୁଟ୍ ଲମ୍ବା ଏହି ଅକ୍ଟୋକପ୍ଟର କାର୍ବନ ଫାଇବର୍‌ରେ ତିଆରି। ଏଥିରେ ଡ୍ରୋନ୍‌ର ଚାରୋଟି ମୋଟର୍ ଲାଗିଛି। ପ୍ରତ୍ୟେକ ମୋଟର ୧୯ ହଜାର ୱାଟ୍‌ର ପାୱାର ଦେଇଥାଏ। ଫଳରେ ଏହା ଉଡିପାରେ। ଏହା ମଧ୍ୟରେ ୧୨୦ କି.ଗ୍ରା. ଓଜନର ଜିନିଷକୁ ସହଜରେ ନେଇ ହେବ। ଏହାର ଚାରିପଟେ ଏଭଳି ଇଲେକ୍ଟ୍ରିକ୍ ଡିଭାଇସ୍ ଲାଗିଛି, ଯାହାଦ୍ୱାରା ଏହାର ଦିଗ, ଗତି ଓ ଉଚ୍ଚତା ନିର୍ଦ୍ଧାରଣ କରିହୁଏ। ଏହା ମୋଟରକୁ ଚଳାଇବାରେ ବି ସାହାଯ୍ୟ କରିଥାଏ। ଏହା ଉଡିବା ସମୟରେ ୧୫୦ କି.ଗ୍ରା.ର ନେଗେଟିଭ ଲିଫ୍ଟ ଉତ୍ପନ୍ନ କରିଥାଏ। ଅର୍ଥାତ୍ ଉଡିବା ସମୟରେ ଏହାର ଓଜନ ୧୫୦ କି.ଗ୍ରା. ହୋଇଯାଏ। ଫଳରେ ଏହାର ବାଲାନ୍ସ ବିଗିଡି ନ ଥାଏ।

## କାର୍ଟୁନ କର୍ନର

